# NATIONAL NEWS BULLETIN (ODIA)

## 24 February - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- 'ଜୀବନ ବଞ୍ଚାନ୍ତୁ ଓ ସୁସ୍ଥ ଭାରତ ନିର୍ମାଣ କରନ୍ତୁ' ଶୀର୍ଷକ ଦେଶବ୍ୟାପି ଅଭିଯାନର ଆଜି ଶୁଭାରମ୍ଭ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଶିକ୍ଷାଦାନକୁ ଆକର୍ଷଣୀୟ କରିବା ଲାଗି କୃତ୍ରିମ ବୁଦ୍ଧିମତା ପରିଚାଳିତ ଶିକ୍ଷକ ଆପ୍ ଉନ୍ମୋଚନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ଆଜି ଅନୁଷ୍ଠିତ ହେବ ଜାତୀୟ ଗୋଲଟେବୁଲ୍ ସମ୍ମିଳନୀ ।
- ଝାଡ଼ଖଣ୍ଡରେ ଏୟାର୍ ଆମ୍ବୁଲାନ୍ସ ଦୁର୍ଘଟଣାରେ ୭ ଜଣ ମୃତ ।
- ସକ୍ରିୟ ନ ଥିବା ଇ.ପି.ଏଫ୍. ଆକାଉଣ୍ଟରେ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଥିବା ଜମାରାଶି ଫେରସ୍ତ ଲାଗି ନିଷ୍ପତ୍ତି ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ସୁପର୍-ଏଇଟ୍ ପର୍ଯ୍ୟାୟରେ ଆଜି ଅନୁଷ୍ଠିତ ହେବ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ।

# ପ୍ରେସ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ରାଜସ୍ଥାନକୁ ଚାରି ଦିନିଆ ଗସ୍ତରେ ଯିବେ। ରାଷ୍ଟ୍ରପତି ଆଜି ମୁମ୍ବାଇର ଲୋକଭବନରେ ପିଡି ହିନ୍ଦୁଜା ହସ୍ପିଟାଲ ଦ୍ୱାରା ଆୟୋଜିତ 'ଜୀବନ ବଞ୍ଚାନ୍ତୁ ଏବଂ ଏକ ସୁସ୍ଥ ଭାରତ ନିର୍ମାଣ କରନ୍ତୁ' ଶୀର୍ଷକ ଦେଶବ୍ୟାପୀ ଅଭିଯାନର ଶୁଭାରମ୍ଭ କରିବେ।

ଆସନ୍ତାକାଲି ରାଷ୍ଟ୍ରପତି ବୁଲଧାନାର ଶେଗାଓଁଠାରେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ 'ଜାତୀୟ ଆରୋଗ୍ୟ ମେଳା ୨୦୨୬'ରେ ଯୋଗଦେବେ। ଆସନ୍ତାକାଲି ରାଷ୍ଟ୍ରପତି ନାଗପୁରରେ ବ୍ରହ୍ମା କୁମାରୀମାନଙ୍କ ଦ୍ୱାରା ଆୟୋଜିତ 'ଏକତା ଏବଂ ଭରସା ମାଧ୍ୟମରେ ମହାରାଷ୍ଟ୍ରର ସ୍ୱର୍ଣ୍ଣ ଯୁଗ'ର ରାଜ୍ୟସ୍ତରୀୟ ଶୁଭାରମ୍ଭରେ ମଧ୍ୟ ଯୋଗଦେବେ। ରାଷ୍ଟ୍ରପତି ଗୁରୁବାର ଦିନ ଜାମସେଦପୁରର ଶ୍ରୀ ଜଗନ୍ନାଥ ମନ୍ଦିରର ଭୂମି ପୂଜନ ସମାରୋହରେ ଯୋଗଦେବେ । ଶ୍ରୀମତୀ ମୁର୍ମୁ ଜାମସେଦପୁରର ମଣିପାଲ ଟାଟା ମେଡିକାଲ କଲେଜ ପରିଦର୍ଶନ କରିବା ସମୟରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବେ।

# ଧର୍ମେନ୍ଦ୍ର-ଆପ୍ ଲଞ୍ଚ୍

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ ଭାରତୀ ଏୟାରଟେଲ୍ ଏବଂ ସି.କେ.-୧୨ ଫାଉଣ୍ଡେସନ୍ ସହଯୋଗରେ କୃତ୍ରିମ ବୁଦ୍ଧିମତା ପରିଚାଳିତ ଟିଚର୍ ଆପ୍ 'ଟୁ ପଏଣ୍ଟ ଜିରୋ'ର ଶୁଭାରମ୍ଭ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଏହି ଆପ୍ ସ୍କୁଲ ଶିକ୍ଷକମାନଙ୍କୁ ସଶକ୍ତ ଏବଂ ସମର୍ଥନ କରିବ । ସେ କହିଛନ୍ତି ଶିକ୍ଷକମାନଙ୍କ ଶିକ୍ଷାଦାନକୁ ଅଧିକ ଆକର୍ଷଣୀୟ ଏବଂ ମୂଲ୍ୟଯୁକ୍ତ କରିବା ପାଇଁ ଏହି ଆପ୍ ଉପକରଣ, ବିଷୟବସ୍ତୁ ଏବଂ ଡ୍ୟାସବୋର୍ଡ୍ ପ୍ରଦାନ କରିବ । ସରକାର ଶିକ୍ଷାରେ କୃତ୍ରିମ ବୁଦ୍ଧିମତାକୁ ସାମିଲ କରିବା ପାଇଁ ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି ଏବଂ ଏହି ଆପ୍‌ର ଶୁଭାରମ୍ଭ ଦେଶରେ ହେଉଥିବା ଏ.ଆଇ. ବିପ୍ଳବକୁ ଗତି ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-Pradhan**

# ଇସିଆ-ରାଉଣ୍ଡଟେବୁଲ୍ କନ୍‌ଫରେନ୍ସ

ନିର୍ବାଚନ କମିଶନ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମରେ ରାଜ୍ୟ ନିର୍ବାଚନ କମିଶନରଙ୍କ ଜାତୀୟ ଗୋଲଟେବୁଲ ସମ୍ମିଳନୀ ଆୟୋଜନ କରୁଛନ୍ତି । ୨୭ ବର୍ଷ ପରେ ଏହି ଗୋଲଟେବୁଲ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଶେଷ ଥର ପାଇଁ ୧୯୯୯ ମସିହାରେ ଏଭଳି ସମ୍ମିଳନୀ

ଆୟୋଜିତ ହୋଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ଉପସ୍ଥିତିରେ ଏହି ଗୋଲଟେବୁଲ ସମ୍ମିଳନୀ ଅନୁଷ୍ଠିତ ହେବ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ କମିଶନର ଓ ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଏହି ସମ୍ମିଳନୀରେ ଯୋଗଦେବେ ।

ଗୋଲଟେବୁଲ ସମ୍ମିଳନୀର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ନିର୍ବାଚନ କମିଶନ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟରେ ଆଇନଗତ ଢାଞ୍ଚା ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟା ଏବଂ ପରିବହନ ସମନ୍ୱୟକୁ ପ୍ରୋତ୍ସାହିତ କରିବା। ଏହି ଆଲୋଚନା ଗଠନମୂଳକ ଚିନ୍ତାଧାରାର ଆଦାନପ୍ରଦାନ ସହ ନିର୍ବାଚନ ପରିଚାଳନାରେ ରାଜ୍ୟ ଓ କେନ୍ଦ୍ର ସହଯୋଗ ଭାବନାକୁ ଦୃଢ଼ କରିବ । ଦିନିକିଆ ସମ୍ମିଳନୀରେ ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ସହିତ ପ୍ରଯୁକ୍ତିବିଦ୍ୟା, ଇଭିଏମ୍ ଏବଂ ନିର୍ବାଚନ ତାଲିକାର ଆଦାନପ୍ରଦାନ ଉପରେ ଆଲୋଚନା ହେବ। କମିଶନର ବରିଷ୍ଠ ଅଧିକାରୀମାନେ ସମ୍ପ୍ରତି ଆରମ୍ଭ ହୋଇଥିବା ଇସିଆଇ ନେଟ୍ ଡିଜିଟାଲ୍ ପ୍ଲାଟଫର୍ମ ସମେତ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ସମ୍ବଳିତ ପଦକ୍ଷେପ ଉପରେ ତଥ୍ୟ ଉପସ୍ଥାପନା କରିବେ। ଏଥିରେ ଇଲେକ୍‌ଟ୍ରୋନିକ୍ ଭୋଟିଂ ମେସିନର ଦୃଢ଼ତା, ସ୍ୱଚ୍ଛତା ଏବଂ ସୁରକ୍ଷା ଉପରେ ମଧ୍ୟ ଆଲୋକପାତ କରାଯିବ ।

# ଏଫ୍‌ଏମ୍-ମନିଟାଇଜେସନ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆଦିଲ୍ଲୀରେ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ସାର୍ବଜନୀନ କ୍ଷେତ୍ର ସଂସ୍ଥାଗୁଡ଼ିକର ସମ୍ପତ୍ତି ମୁଦ୍ରାକରଣର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛନ୍ତି। କେନ୍ଦ୍ର ବଜେଟ୍ ୨୦୨୫-୨୬ ରେ ଘୋଷଣା କରାଯାଇଥିବା 'ସମ୍ପତ୍ତି ମୁଦ୍ରୀକରଣ ଯୋଜନା ୨୦୨୫-୩୦' ପାଇଁ ନିର୍ଦ୍ଦେଶିତ ଭିତ୍ତିଭୂମି ଆଧାରରେ ବିଭିନ୍ନ ମନ୍ତ୍ରଣାଳୟ ସହିତ ପରାମର୍ଶ କରାଯାଉଛି । ଜାତୀୟ ମୁଦ୍ରୀକରଣ ପାଇପଲାଇନ 'ଟୁ ପଏଣ୍ଟ ଜିରୋ' ଆର୍ଥିକ ବର୍ଷ ୨୦୨୫-୨୬ ରୁ ଆର୍ଥିକ ବର୍ଷ ୨୦୨୯-୩୦ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ଅବଧିରେ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ସାର୍ବଜନୀନ କ୍ଷେତ୍ର ସଂସ୍ଥାଗୁଡ଼ିକର ସମ୍ପତ୍ତି ମୁଦ୍ରୀକରଣ ବ୍ୟବସ୍ଥାକୁ ଗ୍ରହଣ କରିଛି । ଏହି ପାଇପଲାଇନ ଅଧୀନରେ ୫ ଦଶମିକ୍ ୮ ଲକ୍ଷ କୋଟି ଟଙ୍କାର ଘରୋଇ କ୍ଷେତ୍ର ନିବେଶ ସମେତ ୧୬ ଦଶମିକ୍ ୭/୨ ଲକ୍ଷ କୋଟି ଟଙ୍କାର ସାମଗ୍ରିକ ମୁଦ୍ରୀକରଣ ସମ୍ଭାବନା ଆକଳନ କରାଯାଇଛି ।

ଶ୍ରୀମତୀ ସୀତାରମଣ ତାଙ୍କ ଅଭିଭାଷଣରେ ଜାତୀୟ ମୁଦ୍ରୀକରଣ ପାଇପଲାଇନ ୧ ଦଶମିକ୍ ୦ କାର୍ଯ୍ୟକାରୀ କରିବାରେ ଚାରି ବର୍ଷ ପାଇଁ ଧାର୍ଯ୍ୟ ଛଅ ଲକ୍ଷ କୋଟି ଟଙ୍କାର ପ୍ରାୟ ୯୦ ପ୍ରତିଶତ ପୂରଣ କରିବା ପାଇଁ ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ, ବିଭାଗ ଏବଂ ନୀତି ଆୟୋଗକୁ ପ୍ରଶଂସା କରିଥିଲେ।

## ଝାଡ଼ଖଣ୍ଡ-କ୍ରାସ୍

ଝାଡ଼ଖଣ୍ଡରେ ଗତ ସନ୍ଧ୍ୟାରେ ଚତ୍ରା ଜିଲ୍ଲା ସିମାରିଆ ନିକଟରେ ଏକ ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସେଥିରେ ଯାତ୍ରା କରୁଥିବା ସମସ୍ତ ସାତ ଜଣଙ୍କ ମୃତ୍ୟୁ ହୋଇଛି । ରେଡ୍‌ବାର୍ଡ୍ ଏୟାରୱେଜ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ଏୟାର୍ ଆମ୍ବୁଲାନ୍ସ ବିମାନଟି ସନ୍ଧ୍ୟା ୭ଟା ୧୧ ମିନିଟ୍ ସମୟରେ ରାଞ୍ଚି ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ କରିବାର କିଛି ସମୟ ପରେ ଦୁର୍ଘଟଣା ଘଟିଥିଲା। ବିମାନରେ ଥିବା ସମସ୍ତ ସାତ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନଙ୍କ ମଧ୍ୟରେ ଦୁଇ ଜଣ ପାଇଲଟ୍, ଜଣେ ଡାକ୍ତର ଥିବା ଜଣାପଡ଼ିଛି ।

ବିମାନଟି ସନ୍ଧ୍ୟା ୭ ଟା ୩୦ମିନିଟ୍ ସମୟରେ ନିଖୋଜ ହୋଇଯାଇଥିଲା। ସିମାରିଆର ବାରିଆଟୁ ପଞ୍ଚାୟତ ଅଞ୍ଚଳରେ ଏହା ଏକ ଜଙ୍ଗଲ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## ଇପିଏଫ୍-ରିଫଣ୍ଡ

ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ, ସକ୍ରିୟ ନ ଥିବା କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ସଂଗଠନ – ଇ.ପି.ଏଫ୍.ଓ. ଆକାଉଣ୍ଟରେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜମା ଥିବା ଅର୍ଥ ଫେରସ୍ତ କରିବା ଲାଗି ନିଷ୍ପତ୍ତି ନେଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ଅର୍ଥ ରାଶି ସିଧାସଳଖ ଗ୍ରାହକଙ୍କ

ଆଧାର-ସଂଯୋଗ ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ କରାଯିବ। ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ହିତାଧିକାରୀମାନଙ୍କୁ କୌଣସି ଦାବି କିମ୍ବା ଦସ୍ତାବିଜ୍ ଦାଖଲ କରିବାକୁ ପଡ଼ିବ ନାହିଁ।

ଯଦି କ୍ରମାଗତ ତିନି ବର୍ଷ ଧରି କୌଣସି ଇ.ପି.ଏଫ୍.ଓ. ଆକାଉଣ୍ଟରେ କାରବାର ହୋଇ ନ ଥିବା ତାହା ଆପେ ନିଷ୍କ୍ରିୟ ହୋଇଥାଏ । ରିପୋର୍ଟ୍ ଅନୁଯାୟୀ ବର୍ତ୍ତମାନ ଛଅ ଲକ୍ଷରୁ ଅଧିକ ନିଷ୍କ୍ରିୟ ଆକାଉଣ୍ଟଗୁଡ଼ିକରେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜମାରାଶି ରହିଥିବା ଜଣାପଡ଼ିଛି ।

## କାନାଡ଼ା-ପିଏମ୍ ଭିଜିଟ୍

କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେ ଆସନ୍ତା ୨୬ ତାରିଖରୁ ମାର୍ଚ୍ଚ ସାତ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିବେ । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ପ୍ରଧାନମନ୍ତ୍ରୀ ଶ୍ରୀ କାର୍ଣ୍ଣେଙ୍କ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । କାନାଡ଼ା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଗସ୍ତର ପ୍ରଥମ ପର୍ଯ୍ୟାୟରେ ମୁମ୍ବାଇଠାରେ ବ୍ୟବସାୟୀ ଗୋଷ୍ଠୀଙ୍କ ଏକ ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହା ପରେ ନୂଆଦିଲ୍ଲୀଠାରେ ପ୍ରତିନିଧିସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ସେ ମତବିନିମୟ କରିବେ ।

# ଇସ୍ରାଏଲ୍ ଆମ୍ବାସଡ଼ର ଇଣ୍ଟରଭ୍ୟୁ

ଇସ୍ରାଏଲରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଜେ ପି ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ ଗସ୍ତ ଐତିହାସିକ ହେବ । ଜେରୁଜେଲମରେ ଆକାଶବାଣୀ ସମ୍ବାଦ ସହ କଥାବାର୍ତ୍ତା ବେଳେ ଶ୍ରୀ ସିଂହ କହିଛନ୍ତି, ତାଙ୍କର ଇସ୍ରାଏଲୀ ପ୍ରତିପକ୍ଷ ବେଞ୍ଜାମିନ ନେତନ୍ୟାହୁଙ୍କ ସହିତ ଆଲୋଚନା କରିବା ବ୍ୟତୀତ, ଶ୍ରୀ ମୋଦି ଇସ୍ରାଏଲର ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗଙ୍କୁ ସାକ୍ଷାତ କରିବେ ଏବଂ ଇସ୍ରାଏଲର ସଂସଦକୁ ସମ୍ବୋଧନ କରିବେ । ସେ କହିଛନ୍ତି, ୨୦୧୭ ରେ ପ୍ରଧାନମନ୍ତ୍ରୀ ମୋଦି ଇସ୍ରାଏଲ ଗସ୍ତ ସମୟରେ ଶ୍ରୀ ନେତନ୍ୟାହୁଙ୍କ ସହିତ ଦ୍ୱିପାକ୍ଷିକ ସହଭାଗିତାକୁ ମଜବୁତ କରିବା ପାଇଁ ଭିତ୍ତିଭୂମି ସ୍ଥାପନ କରିଥିଲେ । ସେ କହିଛନ୍ତି, ବର୍ତ୍ତମାନ ସେହି  ସହଭାଗୀତାକୁ ଏକ ନୂତନ ପର୍ଯ୍ୟାୟକୁ ନେବାର ସମୟ ଆସିଛି । ସେ କହିଛନ୍ତି, ଉଭୟ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ପରେ ଅନେକ ଚୁକ୍ତି ସ୍ୱାକ୍ଷରିତ ହେବ ।

**V/O-JP Singh**

ଶ୍ରୀ ସିଂହ କହିଛନ୍ତି, ଇସ୍ରାଏଲ ଏବଂ ଭାରତର ଇକୋସିଷ୍ଟମ ପରସ୍ପରର ପରିପୂରକ ହୋଇଥିବାରୁ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ସେ କହିଛନ୍ତି, ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା କାଳରେ ନବସୃଜନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ସାଇବର ସୁରକ୍ଷା, କ୍ୱାଣ୍ଟମ୍ ଏବଂ ଅନ୍ୟାନ୍ୟ କ୍ଷେତ୍ର ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ।

# ଇୟୁ ଓ୍ୱାର୍ଣ୍ଣ ୟୁଏସ୍

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମସ୍ତ ଆମଦାନୀ ଉପରେ ନୂତନ ବିଶ୍ୱସ୍ତରୀୟ ୧୫ ପ୍ରତିଶତ ଶୁଳ୍କ ଲାଗୁ କରିବା ପରେ ଆମେରିକା ସହିତ ହୋଇଥିବା ବାଣିଜ୍ୟ ଚୁକ୍ତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବା ନେଇ ୟୁରୋପୀୟ ସଂଘ ଚେତାବନୀ ଦେଇଛି ।

ୟୁରୋପ ଏବଂ ଲଣ୍ଡନର ଅଧିକାରୀମାନେ ବିଶ୍ୱ ବାଣିଜ୍ୟ ସମ୍ପର୍କରେ ଚିନ୍ତା ଏବଂ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ଟ୍ରମ୍ପଙ୍କ ନୂତନ ଶୁଳ୍କ ନୀତି ଗତ ବର୍ଷ ଆମେରିକା ସହିତ ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତିକୁ ବିପର୍ଯ୍ୟସ୍ତ କରିପାରେ ।

ୟୁରୋପୀୟ ସଂଘର ଅଧିକାରୀମାନେ ହ୍ୱାଇଟ୍ ହାଉସ୍ ଠାରୁ ନୂତନ ଶୁଳ୍କ ନୀତି ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ପାଇଁ ଚେଷ୍ଟା କରିଥିଲେ । ନୂତନ ଶୁଳ୍କ ଢାଞ୍ଚା ଅନୁଯାୟୀ ଅଧିକାଂଶ ଅଧିକାଂଶ ୟୁରୋପୀୟ ସଂଘ ରାଷ୍ଟ୍ରଗୁଡ଼ିକ ପ୍ରଭାବିତ ହେବେ ବୋଲି ଜଣାପଡ଼ିଛି ।

# ମେକ୍ସିକୋ-କିଲ୍ସ

ମେକ୍ସିକୋରେ ଜଣେ ନିଶାଦ୍ରବ୍ୟ ବ୍ୟବସାୟୀଙ୍କ ହତ୍ୟା ପରେ ଜାଲିସ୍କୋ ରାଜ୍ୟରେ ପ୍ରତିଶୋଧମୂଳକ ହିଂସାରେ ନ୍ୟାସନାଲ ଗାର୍ଡର ସାମରିକ ପୋଲିସର ୨୫ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି । ସୂଚନା

ଅନୁଯାୟୀ ସମ୍ପୃକ୍ତ ନିଶାଦ୍ରବ୍ୟ ବ୍ୟବସାୟୀ ଧରାପଡ଼ିବା ପରେ ମେକ୍ସିକୋର ଏକ ହାଜତରେ ତାର ମୃତ୍ୟୁ ହୋଇଥିଲା । ମେକ୍ସିକୋର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମେକ୍ସିକୋ ଦେଶର ପଶ୍ଚିମକୁ ୨ ହଜାର ୫୦୦ ସୈନିକ ପଠାଯାଇଛି। ସେଠାକାର ସୁରକ୍ଷା ମନ୍ତ୍ରୀ ଓମାର ଗାର୍ସିଆ ହାର୍ଫୁଚ୍ କହିଛନ୍ତି, ସଂଗଠିତ ଆକ୍ରମଣରେ ୩୦ ଜଣ କାର୍ଟେଲ୍ ସଦସ୍ୟଙ୍କ ମୃତ୍ୟୁ ହୋଇଛି । ସାତଟି ରାଜ୍ୟରେ ଅତି କମରେ ୭୦ ଜଣଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି।

## ୱାର୍ଲ୍ଡକପ୍-କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପରେ, ଗତକାଲି ରାତିରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ସୁପର୍-ଏଇଟ୍ ଗ୍ରୁପ୍-ୱାନ୍ ପର୍ଯ୍ୟାୟରେ ୱେଷ୍ଟଇଣ୍ଡିଜ୍ ୧୦୭ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ୍ ଦ୍ୱାରା ଧାର୍ଯ୍ୟ ୨୫୫ ରନର ବିଜୟ ଲକ୍ଷ୍ୟର ପିଛା କରି ଜିମ୍ବାୱେ ମାତ୍ର ୧୭ ଓଭର ୪ଟି ବଲ୍‌ରେ ୧୪୭ ରନ କରିଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୨୫୪ ରନ କରିଥିଲା।

ଆଜି ସୁପର୍-ଏଇଟ୍ ଗ୍ରୁପ୍-ଟୁ’ ମ୍ୟାଚ୍‌ରେ ଇଂଲଣ୍ଡ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଶ୍ରୀଲଙ୍କାର ପାଲେକେଲ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ସନ୍ଧ୍ୟା ୭ ଟାରେ ମ୍ୟାଚ୍ ଆରମ୍ଭ ହେବ ।